

ପର ଅନ୍ନ, ପର ବସ୍ତ୍ର, ପର ଶଯ୍ୟା, ପର ସ୍ତ୍ରୀ ସହ ଶୟନ ଓ ପର ଘରେ ନିବାସ ଇନ୍ଦ୍ର ସମାନ ତେଜସ୍ୱୀଙ୍କ ମହିମାକୁ ନଷ୍ଟ କରି ଦେଇଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



ମୁନିଗୁଡା, ୩୦।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ମାତ୍ରାଗୁଡି ବଂଶଧାରା ନଦୀରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଲେ ସ୍ୱାଗତ ବେହେରା(୨୭) । ସକାଳେ ମୁନିଗୁଡା, ବିଷମକଟକ ଓ ରାୟଗଡ଼ାର ଅଗ୍ନିଶମ ବିଭାଗ କର୍ମଚାରୀମାନେ ସକାଳୁ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ପତ୍ତା ପାଇ ନ ଥିଲେ । ମଧ୍ୟାହ୍ନରେ ମାଣ୍ଡାଗୁଡି ନଦୀଠାରୁ ୫ କି.ମି. ଦୂର ଖିଲାମୁଣ୍ଡା ନଦୀରେ ଏକ ମୃତ ଦେହ ଲଟାବୁଦାରେ ଭାସୁଥିବା ଖବର ମିଳିଥିଲା । ପରେ ଅଗ୍ନିଶମ କର୍ମଚାରୀମାନେ ଯାଇ ଉକ୍ତ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଶନିବାର ସ୍ୱାଗତ ସାଙ୍ଗମାନଙ୍କ ସହ ଗାଧୋଇବାକୁ ନିକଟସ୍ଥ ବଂଶଧାରା ନଦୀକୁ ଯାଇଥିଲେ । ସେଠାରେ ଅସାବଧାନତା ଯୋଗୁ ନଦୀରେ ବୁଡ଼ିଯାଇଥିଲେ ।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଗୁଣପୁର,୩୦।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର କଲେଜଠାରେ ରବିବାର ରସାୟନ ବିଜ୍ଞାନ ସମ୍ମାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ.ନୀଳ ମାଧବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଲେଜ ଅଧକ୍ଷ ଡ.ବାମଦେବ ମିଶ୍ର ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇ ଭଲ ଶିକ୍ଷା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପୂର୍ବତନ ଅଧକ୍ଷ ପ୍ରଫେସର ମୋହନ ଚନ୍ଦ୍ର ସାହୁ, ଅଧାପକ ଗଣେଶ୍ୱର ଶତପଥୀ, ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଡ.ଜବାହାର ଚୌଧୁରୀ, ଅମୀୟ ରଞ୍ଜନ ମହାନ୍ତି, ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବାକୁ ହେଲେ କଠିନ ପରିଶ୍ରମ କରିବାକୁ ହେବ । ସେ ଦିଗରେ ନିଜର ମନକୁ ନିବେଶ କରି ପାଠ ପଢିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଲୋପାମୁଦ୍ରା ପୁରୋହିତ, ଭିମସେନ ବାବାଜି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠଚକ୍ର ସମ୍ପାଦକ ନିତିଶ କୁମାର ପାଢୀ ବିବରଣି ପାଠ କରିଥିବାବେଳେ ସହ ସମ୍ପାଦକ ସଞ୍ଜିତ ଲିମା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ରସାୟନ ବିଜ୍ଞାନକୁ ନେଇ ଏକ ବୁଲେଟିନ ଉନ୍ମୋଚନ ହୋଇଥିଲା। ପାଠଚକ୍ର ଅଧିକାରୀ ଶଶୀ ଭୂଷଣ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପରିଚାଳନା କରିଥିଲେ । ୨ୟ ଏବଂ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଗୁଣପୁର,୩୦।୯(ଡି.ଏନ.ଏ): ରାୟଗଡା ଜିଲା ପୁରୁଣା ଗୁଣପୁର ପାଇକ ସାହିରେ ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ତ୍ତା ଭାବେ ନିରଞ୍ଜନ ନାୟକ କାର୍ଯ୍ୟ ସମ୍ପାଦନା କରିଥିବାବେଳେ ପୂଜକ ଭାବେ ସୁଦାମ ରଥ ପୂଜା କାର୍ଯ୍ୟ କରିଥିଲେ। ଚଳିତ ବର୍ଷ ପ୍ରଥମ ଥର କରି ମାଙ୍କ ପୂଜା ଅନୁଷ୍ଠିତ ହେଉଛି। ଭାଗୀରଥି ବିଶୋୟୀ, ରବି ନାୟକ, ଦେବେନ୍ଦ୍ର ଦଳେଇ, ଜଗନ୍ନାଥ ମହାନ୍ତି, ମହନ ମାଝି, ଶ୍ରୀକାନ୍ତ ପଣ୍ଡା, ବୁନି ବିଶୋୟୀ, ବାଳକୃଷ୍ଣ ବିଶୋୟୀ, ବନମାଳୀ ମିଶ୍ର, ରାମ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଗିଲେ ୧୦, ଦେଲେ ୮ ଲିଟର ପେଟ୍ରୋଲ

ରାୟଗଡା ଅଫିସ୍, ୩୦।୯

୨ ଦିନ ପୂର୍ବେ ପୁରୀଠାରେ ଏକ ପେଟ୍ରୋଲ ପମ୍ପରେ ଠକେଇକୁ ନେଇ ହଙ୍ଗାମା ହୋଇଥିବା ବେଳେ ରବିବାର ରାୟଗଡାରେ ତାହାର ପୁନରାବୃତ୍ତି ଘଟିଛି । ସହରର କପିଳାସ ଛକସ୍ଥିତ ଠକ୍କର ପେଟ୍ରୋଲ ପମ୍ପରେ ଜଣେ ଚାଷୀ ୧୦ ଲିଟର ପେଟ୍ରୋଲ ମାଗିଥିବା ବେଳେ ତାଙ୍କୁ ୮ ଲିଟର ଦିଆଯାଇଥିଲା । ଏହାକୁ ନେଇ ପେଟ୍ରୋଲ ପମ୍ପରେ ଉତ୍ତେଜନା ଦେଖାଦେଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ପରେ ବଳକା ପେଟ୍ରୋଲ ପ୍ରଦାନ କରାଯାଇଥିଲା । ଯୋଗାଣ ବିଭାଗର ଏକ ଟିମ୍ ଆସି ତଦନ୍ତ କରିଛନ୍ତି ।

କଲ୍ୟାଣସିଂହପୁର ବ୍ଲକ୍ ପୋଲମା ଗ୍ରାମର ଜଳନ୍ଧର ଜାରକା ନିଜ କପା କ୍ଷେତ୍ରରେ କୀଟନାଶକ ସିଞ୍ଚନ ପାଇଁ ଯେଉଁ ମେଶିନ ବ୍ୟବହାର କରିଥାନ୍ତି , ଏଥିଲାଗି ସେ ପେଟ୍ରୋଲ ନେବା ପାଇଁ ସ୍ଥାନୀୟ ଠକ୍କର ପେଟ୍ରୋଲ ପମ୍ପକୁ ଆସିଥିଲେ । ସେ ୧୦ ଲିଟର ପେଟ୍ରୋଲ ମାଗିଥିଲେ । କିନ୍ତୁ ପମ୍ପର କର୍ମଚାରୀ ଏକ ଜାରକିନରେ ତାଙ୍କୁ ୮ଲିଟର ପେଟ୍ରୋଲ ଦେଇଥିଲେ । ପେଟ୍ରୋଲ ଦେଖିବା ପରେ ତାଙ୍କର ସନ୍ଦେହ ହୋଇଥିଲା । ଏହାପରେ ସେ ପେଟ୍ରୋଲ ପମ୍ପକୁ ଆସିଥିବା ଅନ୍ୟ ଗ୍ରାହକମାନଙ୍କୁ ଏ ସମ୍ପର୍କରେ ପଚାରିଥିଲେ । ପରେ ତାଙ୍କୁ ଠକେଇ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଧୀରେ ଧୀରେ ଘଟଣାଟି ସମଗ୍ର ସହରରେ ପ୍ରଚାର ହେବା ପରେ ଗହଳି ଜମିଥିଲା । ପରେ ଉତ୍ତେଜନା ଦେଖାଦେଇଥିଲା । ଶତାଧିକ ଲୋକ ଏହିଭଳି ଠକେଇକୁ ବିରୋଧ କରିବା ସହ ପ୍ରବଳ ପାଟିତୁଣ୍ଡ କରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ପୋଲିସ ଉପସ୍ଥିତିରେ ଜଳନ୍ଧରଙ୍କୁ ବଳକା ୨ଲିଟର ପେଟ୍ରୋଲ ପ୍ରଦାନ କରାଯାଇଥିଲା, ଯାହାକି ଠକେଇର ସ୍ପଷ୍ଟ ପ୍ରମାଣ ମିଳିଥିଲା । ତେବେ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାମାନେ ଘଟଣା ସମ୍ପର୍କରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ । ଜିଲାପାଳ ସଙ୍ଗେ ସଙ୍ଗେ ଯୋଗାଣ ବିଭାଗ ଏବଂ ମାପ ଓ ଓଜନ ବିଭାଗ କର୍ତ୍ତୃପକ୍ଷଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଶ୍ୱନାଥ ସେନାପତିଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଏକ ଟିମ୍ ଆସି ତଦନ୍ତ କରିଥିଲେ । ହେଲେ ମାପ ଓ ଓଜନ ବିଭାଗର କୌଣସି କର୍ତ୍ତୃପକ୍ଷ ତଦନ୍ତ ପାଇଁ ପହଞ୍ଚି ନ ଥିଲେ । ଏଥିସହ ଠକେଇର ଶିକାର ହୋଇଥିବା ଜଳନ୍ଧର ଏବଂ ସ୍ଥାନୀୟ ଲୋକଙ୍କ ବୟାନ ସଂଗ୍ରହ କରିଥିଲେ । ବାରମ୍ବାର ଏହି ପେଟ୍ରୋଲ ପମ୍ପ ବିରୋଧରେ ପୂର୍ବରୁ ମାପରେ ଠକେଇ ନେଇ ଅଭିଯୋଗ ହେଉଥିଲା । ହେଲେ ମାପ ଓ ଓଜନ ବିଭାଗ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଅପରପକ୍ଷରେ ସାମାଜିକ କର୍ମୀ ବଳରାମ ପଣ୍ଡା ଏହି ଠକେଇ ସମ୍ପର୍କରେ ଟ୍ୱିଟ୍ କରି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଅବଗତ କରାଇଥିଲେ । ଏ ସମ୍ପର୍କରେ ପେଟ୍ରୋଲ ପମ୍ପର ମାଲିକ କମଲେଶ ଠକ୍କରଙ୍କୁ ପଚାରିବାରୁ, ଶୁଣିବାରେ ସମସ୍ୟା ଯୋଗୁ ପେଟ୍ରୋଲ ଦେଇଥିବା କର୍ମଚାରୀ ବୟାନ ପ୍ରଦାନ କରିଥିଲେ। ଏହା ଜଣାପଡିବା ପରେ ଜଳନ୍ଧରଙ୍କୁ ଆମେ ବଳକା ୨ଲିଟର ପେଟ୍ରୋଲ ପ୍ରଦାନ କରିସାରିଛୁ ବୋଲି କହିଥିଲେ ।



ପେଟ୍ରୋଲ ପମ୍ପରେ ଲୋକେ ଜମା ହୋଇଛନ୍ତି ।

**ପେଟ୍ରୋଲ ପମ୍ପରେ ଠକେଇ**
- ଉତ୍ତ୍ୟକ୍ତ ଲୋକଙ୍କ ପାଟିତୁଣ୍ଡ
- ଯୋଗାଣ ବିଭାଗର ତଦନ୍ତ
- ମିଳିଲା ବଳକା ପେଟ୍ରୋଲ



ମୁଖ୍ୟ ପୂଜାରୀ କଣ୍ଟା ଦୋଳିରେ ବସିଛନ୍ତି ।

## କାଶୀପୁରରେ ବାଲିଯାତ୍ରା ପାଳିତ

ରାୟଗଡା ଅଫିସ୍,୩୦।୯

ରାୟଗଡା ଜିଲା କାଶୀପୁର ବ୍ଲକ୍‌ର କାଶୀପୁର, ଚମ୍ପାଯୋଡ ଏବଂ ଟିକିରିଠାରେ ବାଲିଯାତ୍ରା ପାଳିତ ହୋଇଯାଇଛି । ଚମ୍ପାଯୋଡଠାରେ ମା’ ମଝିଘରିଆଣୀ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପୂଜାପାଠ କରିବା ପରେ ମୁଖ୍ୟ ପୂଜାରୀ ବେଲ କଣ୍ଟାରେ ତିଆରି ହୋଇଥିବା ଦୋଳିରେ ବସିଥାନ୍ତି । ଏହି ସମୟରେ ମାନସିକଧାରୀମାନେ ପୂଜାରୀ ବସିଥିବା ଦୋଳି ଉପରେ ବସି ପୂଜାରୀଙ୍କୁ ନିଜର ମାନସିକ କଥା ପଚାରିଥାନ୍ତି । ଟିକିରିଠାରେ ମା’ ଭୈରବୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବାଲିଯାତ୍ରା ପଡ଼ିଆକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ପୂର୍ବ ପ୍ରସ୍ତୁତ ଝାମିରେ ପ୍ରଥମେ ପୂଜାରୀ ଚାଲିବା ପରେ ମାନସିକଧାରୀମାନେ ସେହି ଝାମିରେ ଚାଲିଥାନ୍ତି । ଏହି ଯାତ୍ରାକୁ ଦେଖିବା ପାଇଁ କାଶୀପୁରର ଆଖପାଖ ଅଞ୍ଚଳରୁ ବହୁ ଲୋକ ଆସିଥାନ୍ତି । ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ୨୩ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ

ରାମନାଗୁଡା, ୩୦।୯ (ଡି.ଏନ୍.ଏ.)

ରାମନାଗୁଡା ତହସିଲଠାରେ କୁଜେନ୍ଦ୍ରୀ ରାଜସ୍ୱ ସର୍କଲର ତାମିଙ୍ଗି, ଝରା ଏବଂ ନୀଳକଣ୍ଠପୁରର ୨୩ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି। କୁଜେନ୍ଦ୍ରୀ ରାଜସ୍ୱ ସର୍କଲ, ତାମିଙ୍ଗି ମୌଜାରେ ଥିବା ଜଙ୍ଗଲ ଜମି ଏମାନଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ଏମାନଙ୍କୁ ଏହି ଯୋଜନାରେ ଜମି ମିଳିଥିଲେ ମଧ ସେହି ଦସ୍ତାବିଜରେ ଖାତା ନଂ. କିମ୍ବା ପ୍ଲଟ୍ ନଂ. ନ ଥିଲା। କାହାକୁ କେତେ ଜମି ଦିଆଯାଇଛି ଏହା ପରିମାଣ ମଧ ଲେଖା ନ ଥିଲା। ତେଣୁ ବାରମ୍ବାର ଅଭିଯୋଗ ଏବଂ ଆବେଦନ କରିବା ପରେ ସଂଶୋଧିତ ଦସ୍ତାବିଜ ହିତାଧିକାରୀଙ୍କୁ ବଣ୍ଟନ ଯାଇଛି। ଜଣଙ୍କୁ ପ୍ରାୟ ଏକ ଏକର ଲେଖାଏଁ ଜଙ୍ଗଲ ଜମି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାମନାଗୁଡା ତହସିଲଦାର ଜୟଶ୍ରୀ ମଲିକ, ରାଜସ୍ୱ ନିରୀକ୍ଷକ ବଳରାମ ଦାସ , ମୁଖ୍ୟ କିରାଣୀ ଧନେଶ୍ୱର କୁମ୍ଭାର, ତ୍ରିନାଥ ମହାନ୍ତି ପ୍ରଭୃତି ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବୀନ ପିପଲିଙ୍କ ସହଯୋଗ କ୍ରମେ ସେମାନଙ୍କୁ ପଟ୍ଟା ମିଳିଥିଲା।



ରାମନାଗୁଡ଼ା ତହସିଲଦାର ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

## ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ କର୍ମଶାଳା

ରାୟଗଡା ଅଫିସ୍, ୩୦।୯

ରାୟଗଡ଼ା ଜିଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ପିତାମହଲସ୍ଥିତ ସେଞ୍ଚୁରିଆନ ୟୁନିଭରସିଟି ପରିସରରେ କନ୍ୟାସନ୍ତାନ, ଭ୍ରୁଣହତ୍ୟା ଓ ଏସିଡ୍ ଆକ୍ରମଣ ନିରୋଧ ଆଇନ୍ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରାଜଜ୍ ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନାରୀମାନେ କିପରି ସମାଜରେ ସମାନ ଅଧିକାର ପାଇବେ, ସେମାନଙ୍କର ସମାଜ ଗଠନରେ ଭୂମିକା ଓ ପରିବାର ପ୍ରତି ଥିବା ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ଡିଏଲ୍‌ଏସ୍‌ଏର ସମ୍ପାଦକ ହୃଷିକେଶ ସାହୁ ଯୋଗ ଦେଇ କନ୍ୟା ସନ୍ତାନ ବଞ୍ଚିଲେ କିପରି ପରିବାର, ଜାତି ଓ ଦେଶ ବଞ୍ଚିବ, ସେମାନେ ସମାଜରେ କିପରି ତାଙ୍କର ନାଯ୍ୟ ଅଧିକାର ପାଇପାରିବେ ସେନେଇ କହିଥିଲେ । ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର ,ସୁନନ୍ଦା ପାଢ଼ୀ, ଗ୍ରାମ୍ୟ ନ୍ୟାୟାଧିକାରୀ ବୌଶାଳି ନାୟକ, ମହମ୍ମଦ ହବିବୁଲ ରହେମାନ ସିଦ୍ଦିକ, ଉପଜିଲାପାଳ ପ୍ରବୀର କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏ.କେ ସାହୁଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ରାୟଗଡା ବାର୍ ଆସୋସିଏଶନ୍‌ର ଓକିଲମାନେ ଯୋଗ ଦେଇଥିଲେ । ରାଜେଶ ପାଢ଼ୀ ଧନ୍ୟବାଦ ଦେଇଥିଲେ ।



ଶିଶୁ ବାଟିକାର ପିଲାମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଗୁଣପୁର,୩୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡମ୍ବସରା ଯୁକ୍ତ କଲେଜ ଅଧାପକ ଶେଷସାୟୀ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଗଠନରେ ମା’ ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଉପସଭାପତି ବି.ଲକ୍ଷ୍ମୀ ନାରାୟଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକା ରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଶିଶୁ ବାଟିକାର ବିଭିନ୍ନ ବିଷୟ ଯଥା ଭାଷା ବିକାଶ, ଅଙ୍କଜ୍ଞାନ, ବିଜ୍ଞାନ ଅନୁଭବ, ଇନ୍ଦ୍ରିୟ ବିକାଶ, ହସ୍ତକର୍ମ ଇତ୍ୟାଦି ବିଷୟରେ ଖେଳ, ଗୀତ ଓ ନୃତ୍ୟ ମାଧମରେ ତାଲିମ ଦିଆଯାଇଥିଲା । ଘୁଙ୍ଗଡରାମ ପାତ୍ର, ସଂଯୁକ୍ତା ନାୟକ, ମହାଲକ୍ଷ୍ମୀ ପାଣିଗ୍ରାହୀ, ରଶ୍ମିତା ଚୌଧୁରୀ ଓ ବିଶ୍ୱ ଭାରତୀ ମହାରଣା ପ୍ରମୁଖ ଗୁରୁଜୀ ଗୁରୁମା ବିଭିନ୍ନ କାଳାଂଶରେ ଯୋଗଦେଇ ତାଲିମ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମାତୃମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭକ୍ତ ଧ୍ରୁବ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଦୂର୍ଗା ପ୍ରସାଦ ସୁଆର, ପଙ୍କଜ କୁମାର ସାହୁ , କିଶୋର ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟାନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଶିବିର

ରାୟଗଡା ଅଫିସ୍, ୩୦।୯

ରାୟଗଡା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ସହଳ ସ୍ୱାସ୍ଥ୍ୟ ଚିହ୍ନଟ ଓ ପରୀକ୍ଷଣ ଶିବିର(ଡିଇଆଇସି) ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ଆନୁକୁଲ୍ୟରେ ଗ୍ରହଣ ଖଣ୍ଡିଆ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିମଳାପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଏସ୍‌ବିଏମ୍ ହସ୍ପିଟାଲର ମୁଖ୍ୟ ପ୍ଲାଷ୍ଟିକ ସର୍ଜନ ଡା. ବିଭୂତିଭୂଷଣ ନାୟକ, ପ୍ରୋଜେକ୍ଟ ଡାଇରେକ୍ଟର ସ୍ମାଇଲ ଟ୍ରେନଙ୍କ ଦ୍ୱାରା ରାୟଗଡା ଜିଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୫୮ ରୋଗୀଙ୍କ ସଫଳ ଚିକିତ୍ସା କରାଯାଇଛି। ସେଥିମଧ୍ୟରୁ ୨୩ଜଣଙ୍କୁ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଡିପିଏମ୍ ରାଜେଶ ପଟ୍ଟନାୟକ, ଆର୍‌ବିଏସ୍‌କେ ମ୍ୟାନେଜର ବାସୁଦେବ ରଥ, କଟକ ଏସ୍‌ବିଏମ୍‌ର ପ୍ରଶାନ୍ତ ପାତ୍ର ପରିଚାଳନା କରିଥିଲେ ।



ଡ. ପ୍ରଦୀପ ଚୌଧୁରୀଙ୍କ ଦ୍ୱାରା ରଚିତ କବିତା ଏବଂ ଲୋଗୋକୁ ଉନ୍ମୋଚନ କରାଯାଉଛି ।

## ବ୍ରହ୍ମକଳ୍ପ ସାହିତ୍ୟ ସଂସ୍କୃତିର ସାରସ୍ୱତ ସମାରୋହ

ଗୁଣପୁର,୩୦।୯(ଡି.ଏନ.ଏ)

ଗୁଣପୁର ଟାଉନ ହଲଠାରେ ବ୍ରହ୍ମକଳ୍ପ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ଏକ ସାରସ୍ୱତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଗୁଣପୁର ଶାଖା ଉଦଘାଟନୀ ଅବସରରେ ରାଜ୍ୟ ସ୍ତରରେ ଏବଂ ସ୍ଥାନୀୟ ଅଞ୍ଚଳରେ କୃତିତ୍ୱ ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଏକ ଲୋଗୋ ଏବଂ ଜ୍ୟୋତିର୍ବିତ ପ୍ରଦୀପ ଚୌଧୁରୀଙ୍କ ଦ୍ୱାରା ରଚିତ କବିତା ସଙ୍କଳନକୁ ଉନ୍ମୋଚନ କରାଯାଇଥିଲା । ସାହିତ୍ୟକ କାଳି କିଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଗୁରୁରାମ ନାରାୟଣ ଦାସ, ପଦ୍ମ ଭୂଷଣ ଡ.ରମାକାନ୍ତ ରଥ, ବିଶିଷ୍ଟ କବି ଫନି ମହାନ୍ତି, ଗୋବିନ୍ଦଚନ୍ଦ୍ର ଦାସ, ମହେନ୍ଦ୍ର ମଲିକ, ଜିଲାପାଳ ଗୁହା ପୁନମ ତାପସ କୁମାର ପ୍ରମୁଖ ମଞ୍ଚାସିନ ଥିଲେ। ଇନ୍ଦିରା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ବେବିରାଣୀ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଠ ଶିଳ୍ପି ସର୍ମିଳା ସାମନ୍ତରାୟ, ଶ୍ରୀକର ପାଢୀ, କେଶବ ସାହୁଙ୍କ ଦ୍ୱାରା ଗାନ କରାଯାଇଥିବା ପରମବ୍ରହ୍ମ ନାମକ ସିଡି ଉନ୍ମୋଚନ କରାଯାଇଥିଲା। ସୁଶାନ୍ତ ନାୟକ, ସତ୍ୟ ନାରାୟଣ ଗନ୍ତାୟତ, ଡମ୍ବରୁଧର ପଟ୍ଟନାୟକ, ପ୍ରଭାତ ଶତପଥୀ, ରମେଶ ମିଶ୍ର, ପ୍ରତାପ ରାୟ, ଅକ୍ଷୟ ଦାସ, ଆଶୁତୋଷ ବରାଳ, ଦୂର୍ଗା ଶତପଥୀ, ଅଶ୍ୱନି ତ୍ରିପାଠୀ, କୈଳାସ ଦାସ, ସୁରେନ୍ଦ୍ର ମିଶ୍ର, ଗୌରୀ ତ୍ରିପାଠୀ, ରମେଶ ଲିମା, ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ଡ.ପ୍ରଶାନ୍ତ ହୋତା, ନିର ମହାପାତ୍ର , ଶାନ୍ତି ଦେବୀ, କୃଷ୍ଣ ପ୍ରସାଦ ବେବର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରେ ସ୍ୱର୍ଗତ ରଘୁନାଥ ପାଣିଗ୍ରାହୀ, ଉଦୟ ଚନ୍ଦ୍ର ତଳ, ଗୋବିନ୍ଦ ଖୁଣ୍ଟିଆ, କୃପାସିନ୍ଧୁ ରଥଶର୍ମା, ପଦ୍ମଶ୍ରୀ ସଂଯକ୍ତ ପାଣିଗ୍ରାହୀ, ଶିବରାମ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ପ୍ରମଖଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।

## ସରିଲା ଗୁଣପୁରରେ ବାଲିଯାତ୍ରା

ଗୁଣପୁର,୩୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହର ଜଗନ୍ନାଥ ମନ୍ଦିର ପଡିଆଠାରେ ବାଲିଯାତ୍ରା ଉତ୍ସବ ରବିବାର ସନ୍ଧ୍ୟାରେ ଧୁମ୍‌ଧାମ୍‌ର ସହ ଶେଷ ହୋଇଛି। ଗୁଣପୁରର ଅଧିଷ୍ଠାତ୍ରୀ ଦେବୀ ମାମାଣିକେଶ୍ୱରୀଙ୍କ ଏହି କାର୍ଯ୍ୟକ୍ରମକୁ ବାଲିଯାତ୍ରା କୁହାଯାଏ । ମା’ଙ୍କ ଯାତ୍ରା ଦେଖିବା ଲାଗି ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ବେଜୁ କଣ୍ଟା ଦୋଳିରେ ଝୁଲିବା, ନିଆଁରେ ଚାଲିବା, କଞ୍ଚା ମାଟିହାଣ୍ଡିରେ ବସିବା ଭଳି କାର୍ଯ୍ୟକ୍ରମମାନ ହୋଇଥିଲା । ଭାଦ୍ରବ ଦଶମୀରେ ନୂଆଖାଇ ଦିନ ମାମାଣିକେଶ୍ୱରୀଙ୍କ ମୂଳ ପୀଠରୁ ଖଣ୍ଡା ଅଣାଯାଇ ବାଲିଯାତ୍ରା ପଡିଆଠାରେ ଥିବା ମା’ଙ୍କ ଅସ୍ଥାୟୀ ମନ୍ଦିରରେ ସ୍ଥାପନ ହୋଇଥିଲା। ଦ୍ୱାଦଶୀ ତିଥିରେ ବଂଶଧାରା ନଦୀରୁ ବାଲି ଅଣାଯାଇଥିଲା । ବାଲିକୁ ମନ୍ଦିରରେ ସ୍ଥାପନ କରାଯାଇଥିଲା । ପୂର୍ଣ୍ଣିମା ଦିନ ବାଲିରେ ନବଧାନ୍ୟ ବୁଣାଯାଇଥିଲା । ଶେଷରେ ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀ ତଥା ରବିବାର ମା’ଙ୍କ ଯାତ୍ରା ହୋଇଥିଲା । ଏଠାରେ ସମସ୍ତ ରୀତିନୀତି ପାଳନ କରାଯିବା ପରେ ଯାତ୍ରା ଆରମ୍ଭ ହୋଇଥିଲା । ଯାତ୍ରା ପରେ ମା’ଙ୍କୁ ନଗର ପରିକ୍ରମା କରାଯାଇ ଖଣ୍ଡା କୁମୂଳ ପୀଠ ମାଣିକେଶ୍ୱରୀ ମନ୍ଦିର ନିଆଯାଇ ବିରାଜମାନ କରାଯାଇଥିଲ । ବ୍ରହ୍ମା ସୁଦାମରଥଙ୍କ ସମେତ ପୂଜକ ସର୍ବେଶ୍ୱର ବିରଦଳେଇ ବେଜୁ ଭେଶରେ ସଜ୍ଜିତ ହୋଇ ପାରମ୍ପାରିକ କାର୍ଯ୍ୟ ସଂପାଦନା କରିଥିଲେ । ପୂଜକ ଜଗଦୀଶ ଚନ୍ଦ୍ର ବିରଦଳେଇ,ରଘୁନାଥ ବୀରଦଳେଇ,ଦେବେନ୍ଦ୍ର ବିରଦଳେଇ, ମାର୍କଣ୍ଡ ବିରଦଳେଇ,ରବୀନ୍ଦ୍ର ବୀରଦଳେଇ, ଗୁପ୍ତେଶ୍ୱର ବୀରଦଳେଇ ଏବଂ ଭାଗୀରଥି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପାଳନରେ ସହଯୋଗ କରିଥିଲେ । ମା’ଙ୍କ ଯାତ୍ରା ପରେ ବିଭିନ୍ନ ଦେବୀ ମନ୍ଦିର ସହ ପୂଜା ମଣ୍ଡପଗୁଡ଼ିକରେ ମା’ଙ୍କ ଶାରଦୀୟ ପୂଜା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥାଏ ।



ବେଜୁ କଣ୍ଟାହାଣ୍ଡିରେ ବସିଛନ୍ତି ।

